# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 July – 2026**

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଲେ ତିନି ରଥ; ଆସନ୍ତାକାଲି ହେବ ଆଡପମଣ୍ଡପ ବିଜେ ନୀତି
- ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ୭ଟି ସମେତ ଦେଶର ୭୫ଟି ରେଳ ଷ୍ଟେସନର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

— କହିଲେ ଅମୃତ ଷ୍ଟେସନ ଦେଶର ସଂସ୍କୃତି ଓ ସଭ୍ୟତାର ପ୍ରତୀକ

- ଏସ୍‌ଏଚଜିଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଏବଂ

- ଲଘୁଚାପର ପ୍ରଭାବରେ ୧୫ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

## ପୁରୀ - ରଥଯାତ୍ରା

**ପୁରୀ**ରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରୁଛନ୍ତି। ଆଜି ଦ୍ୱିତୀୟ ଦିନରେ ଶରଧାବାଲିରେ ତିନି ରଥ ପହଞ୍ଚିଛନ୍ତି। ସକାଳ ସାଢେ ୯ଟାରୁ ଅଗଣିତ ଶ୍ରଦ୍ଧାଳୁଙ୍କ ଗହଣରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା। ଆଜି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ପୂର୍ଣ୍ଣାଙ୍ଗ ଦର୍ଶନ ଦେଉଛନ୍ତି। ଆସନ୍ତାକାଲି ଆଡପମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ ନିୟନ୍ତ୍ରଣ ଓ ଆଇନ୍‌ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି।

**- V/O –**

## ପିଏମ୍-ଅମୃତ ଭାରତ ଷ୍ଟେସନ

ପ୍ରଧାନମନ୍ତ୍ରୀ ଆଜି ‘ଅମୃତ ଭାରତ ଷ୍ଟେସନ୍’ ଯୋଜନାରେ ପୁନଃବିକଶିତ ୭୫ଟି ରେଳଷ୍ଟେସନର ଲୋକାର୍ପଣ କରିଛନ୍ତି। ଏଥିରେ ଓଡ଼ିଶାର ୭ଟି ରେଳଷ୍ଟେସନ୍ ରହିଛି। ପଞ୍ଜାବର ଜଳନ୍ଧରଠାରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀ ମାଧମରେ ଷ୍ଟେସନ୍‌ଗୁଡ଼ିକର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅମୃତ ଷ୍ଟେସନ ଦେଶର ସଂସ୍କୃତି ଓ ସଭ୍ୟତାର ପ୍ରତୀକ। ବର୍ତ୍ତମାନ ଦେଶବ୍ୟାପୀ ୧୩ ଶହରୁ ଊର୍ଦ୍ଧ୍ୱ ରେଳଷ୍ଟେସନଗୁଡ଼ିକର ଅମୃତ ଭାରତ ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିମଧ୍ୟରୁ ଆଜି

୭୫ଟି ଷ୍ଟେସନର ଶୁଭାରମ୍ଭ ହୋଇଛି। ଶ୍ରୀ ମୋଦୀ କହିଛନ୍ତି, ଏହି ରେଳଷ୍ଟେସନଗୁଡ଼ିକ ଯାତାୟତକୁ ସୁଗମ କରିବା ସହ ବ୍ୟବସାୟର ମାଧ୍ୟମ ମଧ୍ୟ ପାଲଟିଛି। ଏଥିରେ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ଆଦିଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରୀବଟା ପାଇଁ ସ୍ଥାନ ଦିଆଯାଇଛି।

**- V/O -**

ଆଜି ରାଜ୍ୟର ବଲାଙ୍ଗିର, ବରପାଲି, କେସିଙ୍ଗା, ତାଳଚେର, ବାରିପଦା, ବିମଳଗଡ଼ ଏବଂ ପାରଳାଖେମୁଣ୍ଡି ରେଳଷ୍ଟେସନ୍ ଉଦ୍‌ଘାଟିତ ହୋଇଛି। ଏଥିପାଇଁ ୧୦୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ଯାତ୍ରୀଙ୍କ ସୁବିଧାପାଇଁ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣପାଇଁ ପ୍ରବେଶପତ୍ରକୁ ପ୍ରଶସ୍ତ କରାଯାଇଛି । ଆରାମଦାୟକ ଯାତ୍ରାପାଇଁ ପ୍ଲାଟ୍‌ଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷାଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି । ପ୍ରତ୍ୟେକ ଷ୍ଟେସନ୍‌ରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଓ ଆଦିବାସୀ କଳାକୁ ଚିତ୍ରିତ କରାଯାଇଛି ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ହରିୟାଣାର ଜିନ୍ଦ୍ ରେଳଷ୍ଟେସନରୁ ଦେଶର ପ୍ରଥମ ହାଇଡ୍ରୋଜେନ ଚାଳିତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ।

## ଅମୃତ ଭାରତ

ଅମୃତଭାରତ ଷ୍ଟେସନ୍ ଯୋଜନାରେ **ବରଗଡ଼** ଜିଲ୍ଲାର ବରପାଲିର ଅତ୍ୟାଧୁନିକ ଷ୍ଟେସନ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦ

ପ୍ରଦୀପ ପୁରୋହିତ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ଜିଲ୍ଲାପାଳ ଆଦିତ୍ୟ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ।  ୨୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ, ପାନୀୟଜଳ ବ୍ୟବସ୍ଥା, ଅତ୍ୟାଧୁନିକ ଶୌଚାଳୟ, ଡିଜିଟାଲ ସୂଚନା ବୋର୍ଡ ଓ ଫୁଟ୍ ଓଭରବ୍ରିଜ୍ ସୁବିଧା ରହିଛି।

**କଳାହାଣ୍ଡି** ଜିଲ୍ଲା କେସିଙ୍ଗା ରେଳଷ୍ଟେସନ ପରିସରରେ ମଧ୍ୟ  ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ବଲାଙ୍ଗିର** ରେଳଷ୍ଟେସନ୍‌ରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ସଂଗୀତା ସିଂହଦେଓ, ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପାଳଙ୍କ ସମେତ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୌସୁମୀ ବୈଠକ

କେନ୍ଦ୍ର ସରକାର ସଂସଦର ମୌସୁମୀ ଅଧିବେସନ ପୂର୍ବରୁ ଆସନ୍ତା ରବିବାର ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ବୈଠକରେ ସରକାର ସଂସଦର ଉଭୟ ଗୃହକୁ ସୁଚାରୁରୂପେ ପରିଚାଳନା  କରିବା ଲାଗି ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡିବେ। ଚଳିତମାସ ୨୦ ତାରିଖରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନ କାଳରେ କେତେକ ଗୁରୁତ୍ୱପୂର୍ଣ୍ଣ

ବିଧେୟକ ଉପରେ ଆଲୋଚନା ହେବା ସହ ମଞ୍ଜୁରୀ ପ୍ରଦାନ କରାଯିବାର ସମ୍ଭାବନା ରହିଛି।

ଅଧିବେଶନ କାଳରେ ବିଭିନ୍ନ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆୟକର ସଂଶୋଧନ ବିଲ୍ ୨୦୨୬, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ଓ ଏଫ୍‌ସିଆରଏ ଏବଂ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପରେ ଆଲୋଚନା ହେବା ନେଇ ସରକାରଙ୍କ ପକ୍ଷରୁ ଜଣାପଡିଛି।

## ମିଶନଶକ୍ତି

ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଏବଂ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଆଜି ଭୁବନେଶ୍ୱରଠାରେ ମିଶନଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ ସଂସ୍ଥା-ଇକ୍ରିସାଟ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ମାନସୀ ନିମ୍ଭାଲ ଯୋଗଦେଇ କହିଛନ୍ତି, ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଓ ବଜାର ସଂଯୋଗ ଅତ୍ୟନ୍ତ ଜରୁରୀ। ଏହି ପଦକ୍ଷେପ ଦ୍ୱାରା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଲକ୍ଷପତି ଦିଦି, ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ଅଧୀନରେ ବିଭିନ୍ନ ଜିଲ୍ଲାରେ ଭିନ୍ନ

ଭିନ୍ନ କୃଷି ଆଧାରିତ ପ୍ରକଳ୍ପ ନିର୍ମାଣ କରାଯିବ, ଯାହା ଲକ୍ଷାଧିକ ଏସ୍‌ଏସ୍‌ଜି ସଦସ୍ୟଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ ।

## ଏମ୍ସ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ୍ ଆସନ୍ତାକାଲି ତା'ର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳନ କରିବ । ଏଥିରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମାବର୍ତ୍ତନ ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ । ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି, ଉନ୍ନତ ରୋଗୀ ସେବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ସମ୍ପ୍ରତି ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ଅଧୀନରେ ଏକ ଉତ୍ସର୍ଗୀକୃତ ନବଜାତ ଶଲ୍ୟ ଚିକିତ୍ସା ୟୁନିଟ୍-ଆଇସିୟୁ ପ୍ରତିଷ୍ଠା କରାଯିବ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେବେ ବୋଲି ଜଣାପଡିଛି ।

## ନିତ୍ୟାନନ୍ଦ ଗଣ୍ଡ

ବିକଶିତ ଭାରତ-ବିକଶିତ ଓଡ଼ିଶା ଗଠନ ପାଇଁ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ଏବଂ ଏହି ପରିବର୍ତ୍ତନ ହିଁ ଆଗାମୀ ଭବିଷ୍ୟତରେ ନିର୍ଣ୍ଣାୟକ ମୋଡ ନେଇପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । **ନବରଙ୍ଗପୁର**ଠାରେ ଆଜି ଏକ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ଯୋଗଦେଇ

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରାଜ୍ୟରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ଅଧିକ ପ୍ରଭାବଶାଳୀ କରୁଛି ବୋଲି କହିଛନ୍ତି । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶାମୁକାର ଉନ୍ମୋଚନ କରାଯାଇଥିଲା ।

## ନୂଆପଡା ଜିଲ୍ଲା ଗସ୍ତ

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିକାଶ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦୁଇଦିନିଆ ନୂଆପଡା ଜିଲ୍ଲା ଗସ୍ତରେ ଯାଇ ଖଡିଆଳ ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଦାବରୀ ପଂଚାୟତରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ।

## ରଥଯାତ୍ରା

**ବୌଦ୍ଧ** ଜିଲ୍ଲାର ପାତାଳିଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫାଠାରେ ଆଜି ତୃତୀୟା ତିଥିରେ ଶ୍ରୀଜଗନ୍ନାଥଙ୍କର ବାସି ରଥଯାତ୍ରା ଅନୁଷ୍ଠିତ ହେଉଛି । ସହରର ବୁଟୁପାଲି, ନାରାୟଣନଗର, ସାହାଜପାଲ, ବାଉଁଶୁଣୀଗଡ଼ ଆଦି ଅଂଚଳରେ ଶାନ୍ତିପୂର୍ଣ୍ଣ ଭାବେ ତିନିଠାକୁରଙ୍କର ରଥଯାତ୍ରା ଚାଲିଅଛି । ସକାଳୁ ପରମ୍ପରାଅନୁଯାୟୀ, ନୀତିକାନ୍ତି ସରିବା ପରେ ମଧ୍ୟାହ୍ନ ଦୁଇଟାରେ ପହଣ୍ଡି ଆରମ୍ଭ ହୋଇଥିଲା । ସନ୍ଧ୍ୟା ୬ଟାରେ ରଥ ଟଣା ଆରମ୍ଭ ହୋଇଥିଲା ।

**କେନ୍ଦ୍ରାପଡା** ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀସିଦ୍ଧ ବଳଦେବଜୀଉଙ୍କର ବ୍ରହ୍ମତାଳଧ୍ୱଜ ରଥ ଡାହାଣପାର୍ଶ୍ୱକୁ ମୋଡ ନେଇ ଅଟକି ରହିଛି । ସନ୍ଧ୍ୟାସୁଦ୍ଧା ରଥ ଟାଣିବା ସମ୍ଭବପର ନ ହେବାରୁ ରଥଟଣାକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି ।

## ନାବାର୍ଡ

ନାବାର୍ଡର ୪୫ତମ ସ୍ଥାପନା ଦିବସ ଆଜି **ନବରଙ୍ଗପୁର**ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ବ୍ୟାଙ୍କ, ବିଭିନ୍ନ ସରକାରୀ ବିଭାଗ, କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀ ପଞ୍ଜୀକରଣ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଙ୍କ ମାଧ୍ୟମରେ ଫସଲବୀମା ପାଠଶାଳା ଜରିଆରେ ଲୋକଙ୍କୁ ସଚେତନ କରାଯିବାକୁ ପରାମର୍ଶ ଦିଆଯାଇଛି।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଚଳିତ ମୌସୁମୀରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରୀ ୪୪୬ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବୃଷ୍ଟିପାତଠାରୁ ୧୭ ପ୍ରତିଶତ ଅଧିକ।

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ବାଲେଶ୍ୱର ଜିଲ୍ଲା ମଥାନୀରେ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଆସନ୍ତାକାଲି ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇପାରେ ବୋଲି ଶ୍ରୀ ରାଉତ କହିଛନ୍ତି।